# Akashvani, Sambalpur

## SAMBALPURI NEWS BULLETIN

### 3 February 2025- 6.47- 6.52 am.

*********************************************

ସୁଭଦ୍ରା        ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଇ ମାସର୍ ୮ ତାରିଖ୍‌ତକ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପେ ଯାଜ୍‌ପୁର୍ ଜିଲ୍ଲାନୁ ସୁଭଦ୍ରା ସାହାଜ୍ ଟଙ୍କା ଦିଆଯିବା । ଆଏଜ୍ ଆର୍ ଆଏବା କାଏଲ୍ ହିତାଧିକାରୀମାନେ ବେଙ୍କ୍ ଯାଇକରି ଏନ୍.ପି.ସି.ଆଇ. ଯାଂଚ୍ କର୍‌ବାର୍‌କେ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ସେପ୍ଟେମ୍ବର୍ ୧୭ ତାରିଖ୍‌ଥି ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ ହେଇଥିଲା । ଇହାଦେତକ୍ ୮୦ ଲାଖ୍ ହିତାଧିକାରୀ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ପାଇସାରିଛନ୍ । ଆଏବା ମାର୍ଚ୍ଚ ମାସ ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍

କିସ୍ତି ପହେଲା ଖେପ୍ ଟଙ୍କା ଦିଆଯିବା ବଲି ସର୍କାର୍ ଘୋଷ୍ନା କରିଛନ୍ ।

ଅମୃତ ଉଦ୍ୟାନ୍ ଏନ୍ଏସ୍ଡି

ରାଷ୍ଟ୍ରପତି ଭବନ୍ଠାନେ ଥିବା ଅମୃତ ଉଦ୍ୟାନ୍ ଗଲାକାଏଲ୍ଠାନୁ ସାଧାରଣ ଲୋକ୍ମାନଙ୍କର୍ ଲାଗି ଖୁଲାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ଅମୃତ୍ ଉଦ୍ୟାନ୍ ବାର୍ଷିକ୍ ଶୀତ୍ ସଂସ୍କରଣ୍-୨୦୨୫କେ ଆନୁଷ୍ଠାନିକ୍ ଭାବେ ଉଦ୍ଘାଟନ୍ କରିଛନ୍ । ଅମୃତ ଉଦ୍ୟାନ୍ ଆଏବା ମାର୍ଚ୍ଚ ୩୦ ତାରିଖ୍ ତାରିଖ୍ ତକ୍ ଖୁଲା ରହେବା । ସୋମ୍ବାର୍ ଛଡ଼ା ସପ୍ତାହକ ୬ ଦିନ୍, ସଖାଲର୍ ୧୦ ବଜେନୁ ୬ ବଜେତକ୍ ଉଦ୍ୟାନ୍ ଖୁଲା ରହେବା । ଦିଲ୍ଲୀ ବିଧାନସଭା ନିର୍ବାଚନ୍ ଲାଗି ଫେବୃୟାରୀ ୫ ତାରିଖ୍, ରାଷ୍ଟ୍ରପତି ଭବନ୍ଠାନେ ଗୁଟେ ସମ୍ମିଲନୀ ଲାଗି ଫେବୃୟାରୀ ୨୦ ଆର୍ ୨୧ ତାରିଖ୍ ଆର୍ ହୋଲି ଅବ୍ସରେ ମାର୍ଚ୍ଚ ୧୪ ତାରିଖ୍ ଉଦ୍ୟାନ୍ ବନ୍ଦ ରହେବା ବଲି ରାଷ୍ଟ୍ରପତି ଭବନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍ନେଶ୍ୱର୍ ୟୁନିଟ୍- ୫ର ଅଭିଯୋଗ୍ ପ୍ରକୋଷ୍ଠ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ହେବା । ଇ ବାବ୍ଦେ

ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଆର୍ଏନ୍ୟୁ/ସମ୍ବଲପୁର

ରାଏଜେ ଆଏବା ୫ ତାରିଖ୍ ଦିନ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍ନାର୍ ଶୁଭାରମ୍ଭ ହେବା । ଖୋର୍ଦ୍ଧାର୍ ଜଙ୍କିଆର୍ ମିନି ଷ୍ଟାଡ଼ିୟମ୍ ଠାନେ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଶୁଭାରମ୍ଭ କର୍ବେ । ଫି’ ଜିଲ୍ଲା ଆର୍ ବ୍ଲକ୍ ସ୍ତର୍ ନ ଭିଲ୍ ଇ କାର୍ଯ୍ୟକ୍ରମ୍ ହେବା ବଲି ଜନାପଡ଼ିଛେ । ଜିଲ୍ଲାପାଲ୍ଙ୍କର୍ ସହେତେ ଜିଲ୍ଲା ପ୍ରଶାସନ୍ର ବରିଷ୍ଠ ଅଧିକାରୀମାନେ ଇଥି ଉପସ୍ଥିତ୍ ରହେବେ । ସେନ୍ତା ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍ଥି ମୁଖ୍ୟ କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ ହେବା ଆର୍ ଇଥିର୍ଲାଗି ଖାସ୍ ବ୍ୟବସ୍ଥା କର୍ବାର୍କେ ଓକାକ୍କେ ଦାୟିତ୍ୱ ଦିଆଯାଇଛେ ।

ଜେଣ୍ଡର ବଜେଟ୍ ପିଆଇବି

୨୦୨୫-୨୬ କେନ୍ଦ୍ରୀୟ ବଜେଟ୍ଥି ଅର୍ଥ ମନ୍ତ୍ରଣାଳୟ ଜେଣ୍ଡର୍ ବଜେଟ୍କେ ୮ ଦଶମିକ୍ ୮୬ ପ୍ରତିଶତକେ ବଢ଼େଇଛନ୍ । ମହିଳା ଆଉ ବାଲିକାମାନଙ୍କର କଲ୍ୟାଣ ଲାଗି ଇ ବଛର୍ ବଜେଟ୍ଥି ୪ ଲାଖ୍ ୪୯ ଲାଖ୍ କୋଟି ଟଙ୍କା ବ୍ୟୟବାରାଜ୍ କରାଯାଇଛେ ।

୨୦୨୪-୨୫ ବଛର୍ ୩ ଲାଖ୍ ୨୭ ହଜାର କୋଟି ଟଙ୍କାର ଜିବିଏସ୍ ତୁଲ୍‌ନାଥି ୩୭.୨୫ ପ୍ରତିଶ୍ ଅଏତ୍‌କା ଆଏ ।

ମହାକୁମ୍ଭ- ମହାସ୍ନାନ ଆର୍‌ଏନ୍‌ୟୁ/ସମ୍ବଲପୁର

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ଚାଲିଥିବା ମହାକୁମ୍ଭ ୨୦୨୫ ଥି ଆଏଜ୍ ୩ ନମ୍ବର୍ ସାହିସ୍ନାନ୍ ଚାଲୁଛେ । ଗଲାକାଏଲ୍ ହେଇଥିବା ବସନ୍ତ ପଂଚ୍‌ମୀ ସ୍ନାନ୍ ଅବ୍‌ସରେ ପାଖାପାଖି ୧ କୋଟି ଶ୍ରଦ୍ଧାଳୁ ବୁଡ଼ ପକେଇଥିଲେ । ମହାକୁମ୍ଭ ମୁଲ୍ ହେବାର୍ ଦିନୁ ଆଏଜ୍‌ତକ୍ ପାଖାପାଖି ୩୫ କୋଟି ଲୋକ୍ ସଂଗମ୍ ନ ବୁଡ଼୍ ପକେଇଥିବାର୍ ଜନାପଡ଼ିଛେ ।

ହର୍ କଣ୍ଠମେ ଭାରତ ପି.ଆଇ.ବି

ସଂସ୍କୃତି ମନ୍ତ୍ରଣାଳୟ ଆର୍ ଆକାଶ୍‌ବାଣୀ ତର୍‌ଫୁ ଭାରତୀୟ ସଂଗୀତ୍‌ର ଐତିହ୍ୟକେ ତହଁକାବାର୍ ଲାଗି ସରସ୍ୱତୀ ପୂଜା ଅବ୍‌ସରେ ଗୁଟେ ଶାସ୍ତ୍ରୀୟ ସଂଗୀତ୍ ଶୃଙ୍ଖଳା- ‘ହର୍ କଣ୍ଠମେ ଭାରତ୍’ ଲୋକାର୍ପଣ୍ କରାଯାଇଛେ । ଇ ଖାସ୍ ଶୃଙ୍ଖଳାକେ ୧୬ ଫେବୃଆରୀତକ୍ ଫି’ ଦିନ ସାଢ଼େ ୯ ବଜେ ଦେଶର୍ ୨୧ ଟା ଆକାଶ୍‌ବାଣୀ ଷ୍ଟେସନ୍‌ନୁ ଏକାସଙ୍ଗେ ପ୍ରସାରଣ୍ କରାଯିବା ।

ମହିଳା କ୍ରିକେଟ୍ -ଟି-ଟ୍ୱେଂଟି ବିଶ୍ୱକପ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଦେଶର୍ ୧୯ ବଛରନୁ କମ୍ ମହିଳା କ୍ରିକେଟ୍ ଦଲ୍ ଟି-ଟ୍ୱେଂଟି ବିଶ୍ୱକପ୍ ଟାଇଟେଲ୍ ଜିତିଛେ । ମାଲେସିଆ ଠାନେ ହେଉଥିବା ଫାଇନାଲ୍ ମେଚ୍‌ଥି ଦଲ୍ ଦକ୍ଷିଣ ଆଫ୍ରିକାକେ ୯ ୱିକେଟ୍‌ଥି ହରେଇକରି ୨ ନମ୍ବର୍ ଥର୍ ଲାଗି ବିଶ୍ୱବିଜେତା ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଐତିହାସିକ୍ ବିଜୟ ଲାଗି ଦଲ୍‌ର ସବୁ ଖେଲାଲିମାନ୍‌କର୍ ପ୍ରଶଂସା କର୍‌ବାର୍ ସହେତେ ଅଭିନନ୍ଦନ୍ ଜନେଇଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦଲର୍ ଖେଲାଲୀମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ସେମାନ୍‌କର୍ କଠିନ୍ ପରିଶ୍ରମ ଦେଶ୍‌କେ ଗର୍ବିତ କରିଛେ ବଲି କହିଛନ୍ ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଗଲାକାଏଲ୍ ଉପର୍‌ବେଲା ୪ ବଜେନୁ ଅନ୍‌ଲାଇନ୍‌ଥି ଟିକେଟ୍ ବିକ୍ରି ମୁଲ୍ ହେଇଥିଲା । ହେଲେ ସାଙ୍ଗେସାଙ୍ଗ୍ ୪ ହଜାର୍ ଟିକେଟ୍ ବିକ୍ରି ହେଇଗଲା । ଅନ୍‌ଲାଇନ୍ ସାଇଟ୍ ଖୁଲ୍‌ବାର୍ ୫ ମିନିଟ୍ ଭିତ୍‌ରେ ପାଖାପାଖି ୮୦ ହଜାର୍ କ୍ରିକେଟ୍ ପ୍ରେମୀ ଥର୍‌କେ

ପୋର୍ଟାଲ୍‌ଥି ପ୍ରବେଶ୍ କରିଥିଲେ । ଉପରବେଲାର୍ ୪ ବଜେନୁ ରାତିର୍ ୮ ବଜେତକ୍ ପାଖାପାଖି ୨ ଲାଖ୍‌ନୁ ଅଏତ୍‌କା କ୍ରିକେଟ୍ ପ୍ରେମୀ ଅନ୍‌ଲାଇନ୍ ସାଇଟ୍ ନ ଟିକେଟ୍‌କେ ଅପେକ୍ଷା କରିକରି ନିରାଶ୍ ହେଇଥିଲେ ବଲି ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ - ଓସିଏ ତର୍‌ଫୁ ସୂଚ୍‌ନା ମିଲିଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ କମିଛେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ବାକି ଜାଗାମାନ୍‌କେ ଦିନର୍ ସବୁନୁ ଜହ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ଥିଲା । ଗଲାକାଏଲ ବଲାଙ୍ଗିର ନ ସବୁନୁ ଅଏତ୍‌କା ୩୬ ଦଶ୍‌ମିକ୍ ୭ ଡିଗ୍ରୀ ରେକର୍ଡ଼ କରାଯାଇଛେ । ସମ୍ବଲ୍‌ପୁର୍, ଝାରସୁଗୁଡ଼ା, ଭବାନୀପାଟନା, ଟିଟିଲାଗଡ଼ର ତାପମାତ୍ରା ୩୫ ଡିଗ୍ରୀନୁ ଅଏତ୍‌କା ଥିଲା । ଇ ହପ୍ତା ରାଏଜେ ପାଗ୍ ଶୁଖା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।